# ଲେଉଟିଲା ଦନ୍ତା: ନଷ୍ଟକଲା ଧାନକ୍ଷେତ ଓ ପନିପରିବା

ଭଦ୍ରକ, ୨।୯(ନି.ପ୍ର): ଆଜକୁ ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ହେବ ବନ୍ତ ବ୍ଲକର ପାଟକନା, ରାଉତରାପୁର ସମେତ ହାଟଡ଼ିହୀ ବ୍ଲକର କାନପୁର, ଦନେଇପୁର, ବାଘୁଆ, ସୋସୋ ବାଲିବରେଇ, ନୂଅଗାଁ ଆଦି ଅଞ୍ଚଳରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇ ଚାଲିଛି। ବନବିଭାଗ ତରଫରୁ ହାତୀ ଘଉଡ଼ାଇବା ପାଇଁ ବିଭିନ୍ନ ତରିକା ଆପଣା ଯାଇଥିଲା, ମାତ୍ର ଗୋଟିଏ ମାସ ପରେ ପୁଣି ଲେଉଟିଛି ଦନ୍ତା ଆଉ ନଷ୍ଟ କରିଛି ବ୍ୟାପକ ଚାଷଜମି ଓ ପନିପରିବା। ଆଜକୁ ୩ ଦିନ ହେବ ସଂପୃକ୍ତ ଅଞ୍ଚଳବାସୀ ସନ୍ଧ୍ୟା ପରେ ଘରୁ ପଦାକୁ ବାହରିବାକୁ ନିରାପଦ ମଣୁନାହାନ୍ତି। ଗତ ଗୁରୁବାର ଓ ଶୁକ୍ରବାର ଉକ୍ତ ଦନ୍ତାହାତୀଟି ଦନେଇପୁର ଜଙ୍ଗଲ ଦେଇ ପାଟକନାରେ ପହଞ୍ଚି ଗ୍ରାମର ଅର୍ଜୁନ ଘଡ଼େଇ, ନାରଣ ଘଡ଼େଇ, ଜଡ଼ା ଘଡ଼େଇ, ରତ୍ନାକର ଘଡ଼େଇ, ଗଗନ ଘଡ଼େଇ, ଜଗନ୍ନାଥ ଘଡ଼େଇ, ଅନନ୍ତ କିଶୋର ଘଡ଼େଇ, କାର୍ତ୍ତିକ ଘଡ଼େଇ ପ୍ରମୁଖଙ୍କ ପ୍ରାୟ ୬ ଏକର ଧାନକ୍ଷେତ ଦଳି ଚକଟି ନଷ୍ଟ କରିଦେବା ସହିତ ନିକଟସ୍ଥ ବାଡ଼ିରେ ପଶି ସନାତନ ସାହୁଙ୍କ ବାଇଗଣ, ଭେଣ୍ଡି, ଲଙ୍କା, ଜହ୍ନି ଆଦି ପନିପରିବା ଉଜାଡ଼ି ଦେଇଛି। ୨ଦିନ ଧରି ଗ୍ରାମଲୋକେ ଦନ୍ତାର ଉପଦ୍ରବ୍ୟରେ ଶୋଇ ନପାରି ହାତୀ ଘଉଡ଼ାଇବାରେ ବ୍ୟସ୍ତ ରହୁଛନ୍ତି। ଅପରପକ୍ଷେ ହାତୀର ଜୀବନ ରକ୍ଷା କରିବାକୁ ଯାଇ ସନ୍ଧ୍ୟା ପରେ ଉକ୍ତ ଗ୍ରାମ ଗୁଡ଼ିକୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯାଉଛି। ଅପରପକ୍ଷେ ଅନ୍ଧାରର ଫାଇଦା ନେଇ ହାତୀଟି ବ୍ୟାପକ ଫସଲ ନଷ୍ଟ କରିବାର ସୁଯୋଗ ପାଉଛି। ଗ୍ରାମବାସୀଙ୍କ ପକ୍ଷରୁ ଏଥି ପୂର୍ବରୁ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ସୋଲାର ଲାଇଟ ବ୍ୟବସ୍ଥା ଦାବି ପାଣିର ଗାର ହୋଇଛି। ପ୍ରକାଶଥାଉକି ଏକ ବିଶାଳକାୟ ଦନ୍ତାହାତୀ ହଦଗଡ଼ ଜଙ୍ଗଲରୁ ପଳାଇ ଆସି ଗାଁ ଗଣ୍ଡାରେ ପଶି କ୍ଷେତବାଡ଼ି ନଷ୍ଟ କରୁଥିବା ବେଳେ ସୋସୋ, କାନପୁର, ନୂଅଗାଁ, ଦନେଇପୁର, ପାଟକନା, ରାଉତରାପୁର ଆଦି ଗ୍ରାମବାସୀଙ୍କ ବାଡ଼ିରେ ପଶି ପଣସ, ସପୁରୀ ସମେତ ପରିବାଚାଷକୁ ବ୍ୟାପକ କ୍ଷତି ପହଞ୍ଚାଇଥିଲା। ଗ୍ରାମର ଶତାଧିକ ଲୋକେ ଏକତ୍ରିତ ହୋଇ ବାଣ ଫୁଟାଇ ହାତୀକୁ ଘଉଡ଼ାଇ ଦେଇଥିଲେ। ସେହିପରି ଗତଜୁନ ୩୦ ତାରିଖ ବିଳମ୍ବିତ ରାତ୍ର ରେ ପାଟକନା ଗ୍ରାମର ଏକାଧିକ ଲୋକଙ୍କର ଘରକାନ୍ଥ ଭାଙ୍ଗିବା ସହ ଚାଳକୁ ଉଲାରି ଫିଙ୍ଗି ଦେଇଥିଲା ଯାହାକୁ ନେଇ ଉକ୍ତ ଗ୍ରାମବାସୀଙ୍କ ମନରେ ଆତଙ୍କ ଖେଳି ଯାଇଥିଲା। ଗତ କିଛିମାସ ପୂର୍ବେ ସୋସୋ ପଞ୍ଚାୟତ କାନପୁର ଗ୍ରାମର ମହିଳା ସଞ୍ଜୁଲତା ରାଉତ(୫୨) ତୋଟାକୁ ଆମ୍ବ ତୋଳିବାକୁ ଯାଇଥିବା ବେଳେ ଉକ୍ତ ଦନ୍ତାଟି ତାଙ୍କୁ ଦଳିଚକଟି ମାରିଦେଇ ଥିଲା। ଅନୁରୂପ ଭାବେ ନିକଟସ୍ଥ ଧନୁର୍ଜୟପୁର ପଞ୍ଚାୟତ ରଗୁଡ଼ି ଗ୍ରାମର ଜଗନ୍ନାଥ ମଲ୍ଲିକଙ୍କୁ ଏହି ଦନ୍ତା ହାତୀ ମାରିଦେଇଥିଲା। ସେହିଦିନ ଠାରୁ ଉକ୍ତ ସ୍ଥାନ ଛାଡ଼ି ଦନ୍ତାହାତୀ ଜଙ୍ଗଲକୁ ଫେରୁନାହିଁ। ପୂର୍ବରୁ ଭଦ୍ରକ ଓ ହଦଗଡ଼ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଡ଼େରାପକାଇ ହାତୀ ଘଉଡ଼ାଇବା ପାଇଁ ବିଭିନ୍ନ ତରିକା ଆପଣାଉଥିଲେ ବି କୌଣସି କିଛି ପ୍ରଭାବ ପଡୁ ନଥିବାର ଦେଖାଯାଇଛି। ହାତୀଟି ଚକମା ଦେଖାଇ ଚାଲିଯାଉଥିବା ବେଳେ ପୁଣି ପୂର୍ବବତ ଫେରି ଏବେ ବ୍ୟାପକ କ୍ଷତି କରି ଚାଲିଛି। ତେବେ ଏହି ସବୁ ଅଞ୍ଚଳରେ ଚାଷକରି ଜୀବିକା ନିର୍ବାହ କରୁଥିବା ଲୋକେ ସବୁଆଡୁ ହତାଶ ହୋଇ କପାଳକୁ ଆଦରି ଭୟରେ ସନ୍ଧ୍ୟା ପରେ ଘରେ କବାଟକିଳି ରହୁଛନ୍ତି। ବିଦ୍ୟୁତ ସରବରାହ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚରାଯାଇଥିବା ବେଳେ ସେ କହନ୍ତି ହାତୀର ସୁରକ୍ଷାକୁ ପ୍ରାଥମିକତା ଦେଇ ଆମେ ବିଦ୍ୟୁତକାଟ କରୁଛୁ। ଏନେଇ ଭଦ୍ରକ ବନବିଭାଗ ରେଞ୍ଜର ରଣଜିତ ମହାନ୍ତି କହନ୍ତି ୨ ଦିନ ଧରି ଆମର ସ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ବାଣ ଫୁଟାଇ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି। ଯେଉଁମାନଙ୍କର ଫସଲ ହାନି ହୋଇଛି ସେମାନଙ୍କୁ ସରକାରଙ୍କ ନିୟାମାନୁଯାୟୀ କ୍ଷତିପୂରଣ ମିଳିବ।

# ବିଡ଼ିଓଙ୍କ ସରପଞ୍ଚଙ୍କୁ ନୋଟିସ

କୋରାଇ,୨।୯(ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତରେ ସରପଞ୍ଚ ମନମୁଖୀ ଜନପ୍ରତିନିଧି ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଗୋଚରରେ ଗଠନ କରିଥିବା ଶିକ୍ଷା କମିଟିକୁ କାହିଁକି ବାତିଲ କରାନଯିବ ସେ ନେଇ କୋରାଇ ବିଡିଓ ସରପଞ୍ଚଙ୍କୁ ନୋଟିସ ଜାରି କରିଛନ୍ତି । ସରକାରଙ୍କ ବହୁମୁଖୀ ବିକାଶମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ଓ ଗ୍ରାମାଞ୍ଚଳରେ ମୌଳିକ ସୁବିଧା ସୁଯୋଗ/ ଭିତ୍ତିଭୂମି ବିକାଶ ତଥା ଗ୍ରାପ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୦୦୮ ତା ୧୩-୯-୧୯ ଓ କୋରାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୬୬୬/୨୭-୭-୨୦୧୮ ଗ୍ରାପ ସ୍ତରରେ ଶିକ୍ଷା ଷ୍ଟାଣ୍ଡି କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଞ୍ଚାୟତ ନିର୍ବାଚନର ୨ ବର୍ଷରୁ ଉର୍ଦ୍ଧ୍ୱ କାଳ ବିତିଯାଇଥିଲେ ଗୋଳେଇପୁର ପଞ୍ଚାୟତରେ ଶିକ୍ଷା କମିଟି ଗଠନ କରାଯାଇନାହିଁ । ସରପଞ୍ଚ ପିଇଓଙ୍କ ଓ ଜନପ୍ରତିନିଧି (ସମିତିସଭ୍ୟ, ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟ)ଙ୍କ ଅଗୋଚରରେ ନିଜେ ଗୋଟିଏ ଖାତା କିଣି କିଛି ଦସ୍ତଖତ କରାଇ ଏହାକୁ ଠିକ ବୋଲି ଦର୍ଶାଇବାର ବିରୋଧ କରି ବିଡିଓଙ୍କୁ ଜନପ୍ରତିନିଧି ଲିଖିତ ଅଭିଯୋଗ କରିଥିଲେ । ଏହାର ତଦନ୍ତ ପାଇଁ ପିଇଓଙ୍କୁ ବିଡିଓ ଦାୟିତ୍ୱ ଦେଇଥିଲେ। ପିଇଓ ତଦନ୍ତ ବେଳେ ଏହା ମନୋମୁଖି ଭାବେ ହୋଇଥିବା ଜାରି ତଦନ୍ତ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରିଥିଲେ । ତଦନୁଯାୟୀ କୋରାଇ ବିଡିଓ ଉମାକାନ୍ତ ପରିଡା ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ବେଆଇନ ଭାବେ ଗଠନ କରିଥିବା ଶିକ୍ଷା କମିଟିକୁ କାହିଁକି ରଦ୍ଦ କରାନଯିବ ତିନି ଦିନ ମଧ୍ୟରେ ସନ୍ତୋଷ ଜନକ କୈଫୟତ ନଦେଲେ ଗଠିତ ଶିକ୍ଷା କମିଟିକୁ ରଦ୍ଦ କରାଗଲା ବୋଲି ଧରିନିଆଯିବ ବୋଲି ପତ୍ର ସଂଖ୍ୟା ୨୬୪୫/୨୮-୯-୧୯ରେ ଜାରି କରିଛନ୍ତି ।

# ଜଟେଶ୍ୱର ମନ୍ଦିର ପରିସରରେ ଚାରାରୋପଣ



ବାଲିଚନ୍ଦ୍ରପୁର,୨।୯(ନି.ପ୍ର): ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତର ହରିପୁର ଗ୍ରାମସ୍ଥିତ ପ୍ରସିଦ୍ଧ ଜଟେଶ୍ୱର ମନ୍ଦିର ପରିସରରେ ଶନିବାର ପୂର୍ବାହ୍ଣରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ମନ୍ଦିର ପରିସରରେ ଏକ ନଡ଼ିଆଗଛ ଲଗାଇ କାଯ୍ୟକ୍ରମର ଶୁଭାରମ୍ଭ କରି ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମାଜସେବୀ ବାବାଜୀ ଚରଣ ସାମଲଙ୍କ ଅଧକ୍ଷତା କରି ହରିପୁର ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ପ୍ରତିକାର ପାଇଁ ସେ ଦାବି ଜଣାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଶିକ୍ଷାବିତ୍ ଡ଼ଃ ସୁଧିର ଚନ୍ଦ୍ର ସାମଲ, ବ୍ଲକ ବିଜେଡ଼ି ଉପସଭାପତି ନିରଞ୍ଜନ ସେନାପତି, କୋଷାକ୍ଷ ମିହିର ସ୍ୱାଇଁ, ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଅନନ୍ତ ଦାସ, ସମିତି ସଭ୍ୟ ଅନନ୍ତ କିଶୋର ଜେନା, ନାଏବ ସରପଞ୍ଚ ଜୟନ୍ତୀବାଳା ସାମଲ, ନିହାରରଞ୍ଜନ ସାମଲ, କୃପାସିନ୍ଧୁ ମହାରଣା, ଶରତ ଚନ୍ଦ୍ର ସାମଲ, ରବିନ୍ଦ୍ର ସାମଲ ଓ ସଂଗ୍ରାମ ସାମଲ ପ୍ରମୁଖ ଯୋଗଦେଇ ଚାରାରୋପଣ ସହିତ ହରିପୁର ଗ୍ରାମକୁ ଏକ ଆଦର୍ଶ ଗ୍ରାମ ଭାବେ ପରିଗଣିତ କରିବା ପାଇଁ ବିଭିନ୍ନ ଆଲୋଚନା କରିଥିଲେ। ସମାଜସେବୀ ଶେଷରେ ଚାରାରୋପଣ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଯୁବନେତା ଗୁରୁଦତ୍ତ ଲଲାଟେନ୍ଦୁ ସାମଲ ଧନ୍ୟବାଦ ଦେଇଥିଲେ।

# ମୋରମ ବୋଝେଇ ୨ ଟ୍ରକ ଜବତ



ବାଲିଚନ୍ଦ୍ରପୁର,୨।୯(ନି.ପ୍ର): ୫ନଂ(କ) ଜାତୀୟ ରାଜପଥର ଓଲାଶୁଣୀ ଛକ ଦେଇ ବେଆଇନ ଦୁଇଟି ମୋରମ ବୋଝେଇ ଟ୍ରକ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଭିଜିଲାନ୍ସ ଅଧିକାରୀ ରଜନୀକାନ୍ତ ମହାନ୍ତି ଓ ଚଣ୍ଡୀଖୋଲ ବନପାଳ ଶଶିକାନ୍ତ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିଲେ। ତେବେ ଚଢଉ ସମୟରେ ଗାଡ଼ି ଦୁଇଟିର ଚାଳକ ଓ ହେଲଫର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ଗାଡ଼ି ଦୁଇଟିର ନମ୍ବର ହେଉଛି (ଓ ଆର ୦୯ ଇ ୨୬୪୬) ଓ (ଓ ଆର ୦୯ ଡ଼ି ୯୯୯୬)। ବେଆଇନ ଭାବେ ଯାଉଥିବା ଏହି ଗାଡ଼ି ଦୁଇଟି ମାଣ୍ଡୁକା ପାହାଡ଼ରୁ ମୋରମ ବୋଝେଇ କରି ଯାଉଥିବା ନେଇ ବନପାଳ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଜବତ ଗାଡ଼ି ଦୁଇଟି ଡ଼ାଳିଯୋଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଜଣାଯାଇଛି। ପ୍ରକାଶ ଥାଉକି ଦର୍ପଣ ତହସିଲ ଅନ୍ତର୍ଗତ ମାଣ୍ଡୁକା, ଧାଉଡ଼ିଆପଦା, ଚଣ୍ଡିଆ ଓ ମଝିପଡ଼ା ଆଦି ପାହାଡ଼ରୁ ବେଆଇନ ଭାବେ ଗଛକାଟି ବ୍ୟାପକ ମୋରମ ଚାଲାଣ କରାଯାଉଛି।

# ନିଶା ନିବାରଣ ଅଭିଯାନ

କୋରାଇ, ୨।୯(ନି.ପ୍ର): କୋରାଇ ବ୍ଲକ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଞ୍ଚାୟତକୁ ମଦ ମୁକ୍ତ ଲକ୍ଷ୍ୟ ନେଇ ଉତ୍କଳ ଫାଉଣ୍ଡେସନ ଓ ମା ଛାଟକୁମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିଶା ନିବାରଣ ଅଭିଯାନ କରାଯାଇଛି । ପଞ୍ଚାୟତର ତଣ୍ଡରା ଓ ବରେଇ ଗ୍ରାମରେ ଓଡ଼ିଶା ତଥା ପଞ୍ଚାୟତକୁ ନିଶା ମୁକ୍ତ କରିବା ଲକ୍ଷ୍ୟରେ ସଚେତନତା ପାଇଁ ନିଶା ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରା ପରିକ୍ରମା କରି ସଚେତନତା କରାଯାଇଥିଲା । ଶଙ୍ଖଚିଲା ପାଣ୍ଡି ପକ୍ଷରୁ ସଞ୍ଜୟ ବରାଳ, ମାଧବାନନ୍ଦ ମୁଦୁଲି, ସମିତିସଭ୍ୟା ଗଭିନ ଦଳେଇ ପ୍ରମୁଖ ଯୋଗଦେଇ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ । ପ୍ରସନ୍ନ ସ୍ୱାଇଁ, ନରେଶ ପରିଡା, ଅଭୟ ସ୍ୱାଇଁ, ପ୍ରୀୟବ୍ରତ ବାରିକ, ମୋହନ ମଲ୍ଲିକ, ସୌମ୍ୟରଞ୍ଜନ ପରିଡା, ମାୟାଧର ସ୍ୱାଇଁ, ବେନୁଧର ପରିଡା, ସ୍ୱରୂପ ସ୍ୱାଇଁ, ସୁନିଲ ଆଏଚ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଇଓ ସମ୍ବର୍ଦ୍ଧିତ

ବାଲିଆପାଳ୨।୯(ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଗୁଡିଠାରେ ଥିବା ନବୋଦୟ ବିଦ୍ୟାଳୟ ପକ୍ଷରୁ ବାଲିଆପାଳ ବିଇଓ ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ନବୋଦୟ ବିଦ୍ୟାଳୟଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲିଆପାଳ ବିଇଓ ନାରାୟଣ ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ ନବୋଦୟ ବିଦ୍ୟାଳୟର ପ୍ରିନ୍ସପାଲ ନିୟତୀ ପଟ୍ଟନାୟକ ଗତ ୨୦୧୭-୧୮ ଶିକ୍ଷା ବର୍ଷରେ ବାଲିଆପାଳ ବିଇଓଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକ ସମଗ୍ର ଜିଲ୍ଲାରେ ସର୍ବାଧିକ ୧୦୬୧ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶିକା ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରି ପରୀକ୍ଷା ଦେଇଥିବା ଏବଂ ଦଶଜଣ ଛାତ୍ର ସଫଳତା ପାଇଥିବାରୁ ତାଙ୍କ କାର୍ଯ୍ୟର ଉଚ୍ଚ ପ୍ରସଂଶା କରି ଥିଲେ । ଏହି ଉତ୍ସବରେ ଜିଲ୍ଲାର ସମସ୍ତ ବ୍ଲକର ବିଇଓ ଏବଂ ଜିଲ୍ଲା ସାଇନ୍ସ ସୁପରଭାଇଜର କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ବାଲିଆପଳ ବ୍ଲକର ସମସ୍ତ ସିଆରସିସଙ୍କ ପକ୍ଷରୁ ଅନୁରୂପ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଏବିଇଓ ଦୁଃଖୀଶ୍ୟାମ ଦାସ, ମନ୍ମଥ ସାହୁ, ବନବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସହଜଯୋଗ ପ୍ରଚାର ପ୍ରସାର ପାଇଁ ସଚେତନତା ରଥ

ବାଲିଚନ୍ଦ୍ରପୁର,୨।୯(ନି.ପ୍ର): ସହଜଯୋଗର ପ୍ରଚାର ପ୍ରସାର ପାଇଁ ପରମପୂଜ୍ୟା ମାତାଜୀ ନିର୍ମଳା ଦେବୀଙ୍କ ଆବିଷ୍କୃତ ସହଜଯୋଗ ଓ ପ୍ରଚାର ପ୍ରସାର ପାଇଁ ସାରା ଭାରତରେ ସହଜ ଯୋଗ ସଚେତନତା ପରିକ୍ରମା କରୁଥିବା ପରିପ୍ରେକ୍ଷୀରେ ଏହି ରଥ ଓଡ଼ିଶାରେ ପହଞ୍ଚିଥିଲା। ତେବେ ଓଡ଼ିଶାର ବିଭିନ୍ନ ସ୍ଥାନ ପରିକ୍ରମା କରି ଏହି ରଥ ବାଲିଚନ୍ଦ୍ରପୁରଠାରେ ପହଞ୍ଚି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ବାଲିଚନ୍ଦ୍ରପୁର ନିକଟସ୍ଥ ପତରାଜପୁରସ୍ଥିତ ସହଜଯୋଗ କେନ୍ଦ୍ର ପରିସରକୁ ପ୍ରଥମେ ଏହି ରଥ ପହଞ୍ଚିଥିଲା। ଏଠାରୁ ବାଜା, ବାଣ ଓ ରୋସଣି ସହିତ ଏକ ଶୋଭାଯାତ୍ରାରେ ଶତାଧିକ ଯୋଗ ସାଧକ ସାଧିକା ସହଜ ଯୋଗ ରଥକୁ ବିଭିନ୍ନ ଅଞ୍ଚଳକୁ ପାଛୋଟି ନେଇଥିଲେ। ବର୍ଷା ଭିଜନ କେବୁଲ ନେଟୱର୍କ ମୁଖ୍ୟ ଦୁଃଶାସନ ସାହୁ, ନବଘନ ସାହୁ, ନିବାରଣ ସାହୁ, ମମତା ସାହୁ ଓ ସୁଧାଂଶୁ ଶେଖର ସାହୁଙ୍କ ସମେତ ସହଜ ଯୋଗଧ୍ୟାନ କେନ୍ଦ୍ରର ସାଧକ ସାଧିକା ମାନେ ଏହି ରଥ ପରିକ୍ରମା ପରିଚାଳନାରେ ସହଯୋଗ କରିଥିଲେ। ରଥ ପରିକ୍ରମା ପରେ ସହଜଯୋଗ ଧ୍ୟାନ କେନ୍ଦ୍ର ପରିସରରେ ସନ୍ଧ୍ୟାରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ସାଧକ ସାଧିକା ମାନେ ସହଜଯୋଗ ଧ୍ୟାନ ଦ୍ୱାରା ସର୍ବବ୍ୟାପି ଐଶ୍ୱରୀକ ଶକ୍ତି ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ବର୍ତ୍ତମାନ ସମୟରେ ପରମପୂଜ୍ୟା ମାତାଜୀ ନିର୍ମଳା ଦେବୀଙ୍କ ଅନୁଗ୍ରହରୁ ଏହି ପବିତ୍ର ଆତ୍ମଜ୍ଞାନ କାର୍ଯ୍ୟକ୍ରମ ପୃଥିବୀର ୧୩୦ଟି ଦେଶରେ ଲକ୍ଷାଧିକ ସାଧକ ସାଧିକା ଲାଭ କରୁଛନ୍ତି ବୋଲି ସାଧକ ସାଧିକା ମାନେ ସୂଚନା ଦେଇଥିଲେ।

# ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ବାଲିଆପାଳ୨।୯(ନି.ପ୍ର): ବାଲିଆପାଳ ବ୍ଲକର ସମସ୍ତ ବିଦ୍ୟାଳୟ, କଲେଜ, ଯୁବକ ସଂଘ, କ୍ଲବ, ପାଠାଗାରଗୁଡ଼ିକରେ ସିଦ୍ଧିବିନାୟକ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସବୁଠାରୁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ବ୍ଲକ ଛକଠାରେ ଅବସ୍ଥିତ ସିଦ୍ଧିବିନାୟକ ଯୁବକ ସଂଘର ତରୋଣ ଓ ମୂର୍ତ୍ତୀ । ଚଳିତ ବର୍ଷ ଏହି କ୍ଲବ ପକ୍ଷରୁ ପାଣ୍ଡାଲ ଏବଂ ତରୋଣକୁ ଟାଇଟନିକ ଆକୃତିର ସଜ୍ଜାଯାଇଛି ବୋଲି କ୍ଲବର ସଭାପତି ପାର୍ଥସାରଥୀ ମହାନ୍ତି, ସଂପାଦକ ସତ୍ୟଜିତ ସାହୁ, ସଦସ୍ୟ ରାଜୁ ସାହୁ, ପ୍ରଭାକର ଗିରି, ପ୍ରିୟରଞ୍ଜନ ସାହୁ, ରମିତ ନାୟକ, ସଚିନ୍ଦ୍ର ରଣା, ମାନସ ସାହୁ, ସାଗର ସାହୁ, ବିନୋଦ ମହାନ୍ତି, ନାରାୟଣ ଜେନା, ବିକାଶ ପାତ୍ର ପ୍ରମୁଖ ପ୍ରକାଶ କରିଚନ୍ତି । ସେହିପରି ବାଲିଆପାଳ ବସ ଷ୍ଟାଣ୍ଡ ନିକଟରେ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଓଡିଶାର ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ବୋଇତ ବନ୍ଦାଣ ଦୃଶ୍ୟ ସାଦୃଶ୍ୟ ତୋରଣ ନିର୍ମାଣ କରାଯାଇଛି । ଯାହାକୁ ଦେଖିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେଇଛି । ଫ୍ରେଣ୍ଡସ୍ କ୍ଲବର ସଭାପତି ତାରାକାନ୍ତ ମୁଖୀ, ସଂପାଦକ ଅନନ୍ତ ବାସୁଦେବ ଦୀକ୍ଷିତଙ୍କ ନେତୃତ୍ୱରେ ଗୌତମ ପ୍ରଧାନ, ବିଶ୍ୱଜିତ ଜେନା, ସୌମ୍ୟରଞ୍ଜନ ପାଣ୍ଡା, ଚପରେଶ ଭୋଳ, ଚନ୍ଦନ ବାରିକ, ସୁଜିତ ସାହୁ, ସୁଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ସେହିପରି କିଙ୍ଗସ ଗୃପ ପକ୍ଷରୁ ସିମୁଳିଆ ରାଜାରାଣୀ ଛକ ଠାରେ ଗଣପତିଙ୍କର ଜାକଜମକରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି ।ଏହି ସଙ୍ଗଠନର ସଭାପତି ସତ୍ୟାନନ୍ଦ ରଣା, ସଂପାଦକ ଜିତେନ୍ଦ୍ର ସେନାପତି, ସଦସ୍ୟ ପ୍ରତ୍ୟୁଷ ପ୍ରଧାନ, ପ୍ରୀତମ ମହାପାତ୍ର, ଆଶିଷ ଗୌତମ ବେହେରା, ଦେବଦୁଲ୍ଲଭ ମହାନ୍ତି, ସାଗର ବାଗ, ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ପଞ୍ଚୁରୁଖି ଜଗନ୍ନାଥ କ୍ଲବ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି। କ୍ଲବ ସଭାପତି ଦୀପକ ଖଣ୍ଡା, ସଂପାଦକ ଗୋବିନ୍ଦ ଖଣ୍ଡା, ସଦସ୍ୟ ବିକାଶ ଖଣ୍ଡା, ତାପସ ଖଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ସୁବର୍ଣ୍ଣେଶ୍ୱର ଯୁଥକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

ଭଦ୍ରକ,୨।୯(ନି.ପ୍ର): ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ସୁବର୍ଣ୍ଣେଶ୍ୱର ଯୁଥକ୍ଲବ ଆନୁକୂଲ୍ୟରେ ୧୭ ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ କମିଟିର ସଭାପତି ଅଶୋକ କୁମାର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଚଳିତ ବର୍ଷ ଅକ୍ଟୋବର ୯ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ପୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ, ଯାଜପୁର, କଟକ, କେନ୍ଦ୍ରପଡ଼ା ଆଦି ଜିଲ୍ଲାରୁ ଅଗ୍ରଣୀ ଫୁଟବଲ ଦଳମାନେ ଅଂଶ ଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଓ ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ, ସ୍ଥାନୀୟ ସାଂସଦ, ବିଧାୟକ, କ୍ରୀଡ଼ାବିତ୍ ଦିଲ୍ଲୀପ ତୀର୍କୀ, ଅଭିନେତା ଅନୁଭବ ମହାନ୍ତିଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର ରହିଛି ବୋଲି ଯୁଥକ୍ଲବର ସଭାପତି ସଂଗ୍ରାମ ଦାସ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ପୁରୀ ପାଇଁ ପ୍ୟାକେଜ୍

ଘୋଷଣା ଅନୁଯାୟୀ, ଯେଉଁ ଲଜ୍ ଗୁଡିକ ୧୫୦୦ ବର୍ଗଫୁଟରୁ ଅଧିକ, ସେମାନଙ୍କ ପାଇଁ ନିର୍ଦ୍ଧାରିତ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ଓ ଅନ୍ୟାନ୍ୟ ସହାୟତା ବ୍ୟବସ୍ଥା କରାଯାଇଛି। ୩୦୦୦ ବର୍ଗଫୁଟରୁ ଅଧିକ ଅଞ୍ଚଳରେ ଥିବା ଲଜ୍‌ଗୁଡ଼ିକୁ ୧୦ ଲକ୍ଷ ଟଙ୍କା ଏବଂ ୩୦୦୦ ବର୍ଗଫୁଟ୍ ରୁ କମ୍ ଅଞ୍ଚଳରେ ଥିବା ଲଜ୍‌ଗୁଡ଼ିକ ପାଇଁ ୫ ଲକ୍ଷ ଟଙ୍କା ତୁରନ୍ତ ସହାୟତା ଦିଆଯିବ। ଏହାବ୍ୟତୀତ ପ୍ରତି ଲଜ୍‌କୁ ବର୍ଗଫୁଟ୍ ପ୍ରତି ୨୫ ଟଙ୍କା ଲେଖାଏ ମାସିକ ଆର୍ଥିକ ସହାୟତା ୧୮ ମାସ ପର୍ଯ୍ୟନ୍ତ ଦିଆଯିବ।

ଲଜ୍ ମାଲିକମାନେ ବିଲ୍ଟ-ଅପ୍ ଏରିଆର ପ୍ରତି ବର୍ଗଫୁଟ୍ ପାଇଁ ୨ ହଜାର ଟଙ୍କା ଲେଖାଏ ଏକକାଳୀନ ସହାୟତା ନେଇପାରିବେ କିମ୍ବା ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର ୩୦୦ ମିଟର ମଧ୍ୟରେ ୫୦ ଗୁଣନ ୩୦ , ୫୦ ଗୁଣନ ୪୦ , ୫୦ ଗୁଣନ ୬୦ ବର୍ଗଫୁଟ୍ ଜାଗା ପାଇପାରିବେ। ଏଥିରେ ଲଜ୍ ନିର୍ମାଣ ପାଇଁ ବର୍ଗଫୁଟ୍ ପିଛା ୭୫୦ ଟଙ୍କା ଲେଖାଏ ସହାୟତା ଦିଆଯିବ।

ଅସ୍ଥାୟୀ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯିବ ଏକକାଳୀନ ୩୦ ହଜାର ଟଙ୍କା। ସେମାନଙ୍କ ବ୍ୟବସାୟ ପାଇଁ ଜିଲ୍ଲାପାଳ ନିର୍ଦ୍ଧାରିତ ଜାଗା ଯୋଗାଦେବେ।

ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନରେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ସୁରକ୍ଷା ଜୋନ୍‌ରେ ଥିବା ସେମାନଙ୍କ ସମ୍ପତ୍ତି ସରକାରଙ୍କୁ ହସ୍ତାନ୍ତର କରିବେ ସେମାନଙ୍କୁ ପ୍ୟାକେଜ୍ ସହ ୧୦ ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦିଆଯିବ।

ସୂଚନାଯୋଗ୍ୟ, ଜଷ୍ଟିସ୍ ବିମଳ ପ୍ରସାଦ ଦାସ କମିଶନଙ୍କ ପ୍ରସ୍ତାବକୁ ଗ୍ରହଣକରି ଶ୍ରୀମନ୍ଦିରର ସୁରକ୍ଷାକୁ ସୁଦୃଢ କରିବାପାଇଁ ମନ୍ଦିର ଚତୁର୍ପାର୍ଶ୍ୱରେ ୭୫ ମିଟର ପର୍ଯ୍ୟନ୍ତ ଏକ ସୁରକ୍ଷା ଜୋନ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏହି ଜୋନ୍ ମଧ୍ୟରେ ଆସୁଥିବା ଘର, ଦୋକାନ ଓ ମଠ ଗୁଠିକର ସ୍ଥାନାନ୍ତର କରାଯାଉଛି।

## କୁଳଭୂଷଣଙ୍କୁ ଭେଟିଲେ ଭାରତୀୟ ...

କୁଳଭୂଷଣ ଏବେ ଇସ୍‌ଲାମାବାଦର ଏକ ଜେଲ୍‌ରେ ବନ୍ଦୀ ଅଛନ୍ତି। ଭାରତୀୟ ଡେପୁଟି ହାଇକମିଶନର୍ ଆଲୁୱାଲିଆ ଓ କୁଳଭୂଷଣଙ୍କ ମଧ୍ୟରେ ୨ ଘଣ୍ଟାକାଳ ସାକ୍ଷାତ ହୋଇଛି।

ପାକିସ୍ତାନର ପୂର୍ବସର୍ତ୍ତ ଅନୁଯାୟୀ କୁଳଭୂଷଣ ଓ ଗୌରବଙ୍କ ଆଲୋଚନା ବେଳେ ଇସ୍‌ଲାମାବାଦର ଜଣେ ଅଧିକାରୀ ଉପସ୍ଥିତ ରହିଥିଲେ। ଉଭୟଙ୍କ ସାକ୍ଷାତ ଆଲୋଚନା ବେଳର ସମସ୍ତ ତଥ୍ୟ ରେକର୍ଡିଂ କରାଯାଇଛି।

# ଶୌଚାଳୟ ନିର୍ମାଣ ଦାବି

ବାଲିକୁଦା,୨।୯(ନି.ପ୍ର): ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଏକ ସୌଚାଳୟ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ସୂଚନା ମୁତାବକ ତିରିଶିଟି ପଞ୍ଚାୟତକୁ ନେଇ ବାଲିକୁଦା ବ୍ଲକ ଏହି ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଦୈନିକ ସତାଧିକ ଲୋକ ଆସିଥାନ୍ତି କିନ୍ତୁ ଏହି କାର୍ଯ୍ୟାଳୟ ପରିସରରେ ଏକ ଶୌଚାଳୟ ନଥିବାରୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଲୋକମାନେ ବ୍ଲକ କାର୍ଯ୍ୟାଳୟ ପରିସରର ବିଭିନ୍ନ ସ୍ଥାନରେ ପରିସ୍ରା କରିଥାନ୍ତି ବ୍ଲକ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ଅଫିସ୍ ରୁମ୍‌ରେ ସୌଚାଳୟ ଥିଲେ ମଧ କିଛି କର୍ମଚାରୀଙ୍କର ଅଫିସ୍ ରୁମ୍‌ରେ ସୌଚାଳୟ ନଥିବାରୁ ସେମାନେ ମଧ୍ୟ ବାହାରେ ପରିସ୍ରା କରିଥାନ୍ତି ଏଭଳି ବାହାରେ ପରିସ୍ରା କରିବା ଦ୍ୱାରା ବ୍ଲକ ପରିବେଶ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ବିଭିନ୍ନ କାର୍ଯ୍ୟନେଇ ଆସିଥିବା ଲୋକମାନେ ଯଦି କୌଣସି କାରଣରୁ କିଛି ସମୟ ଅପେକ୍ଷା କରିବାକୁ ପଡିଥାଏ ସେ ଏହି ଦୁର୍ଗନ୍ଧ ମୟ ପରିବେଶକୁ ନେଇ ବ୍ଲକ ପରିସରରେ ନରହି ବାହାର ଦୋକାନରେ ବସି ଅପେକ୍ଷା କରିଥାନ୍ତି ଯାହାକି ବ୍ଲକ ପରିସରରେ ଏଭଳି ପରିବେଶକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏ ବିଷୟରେ ବିଡିଓଙ୍କୁ ପଚାରିବାରୁ ଆମକୁ କେହି ଅଭିଯୋଗକରି ନାହାଁନ୍ତି ବୋଲି କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଗ୍ରାମାଞ୍ଚଳର ଲୋକମାନେ ବ୍ୟକ୍ତିଗତ ସୌଚାଳୟ ନିର୍ମାଣ କରିବା ସହିତ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଲୋକ ମାନଙ୍କୁ ବୁଝା ଯାଉଥିବା ବେଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ କରି ପରିସରକୁ ସ୍ୱଚ୍ଛ ରଖିବାରେ ବ୍ଲକ ପ୍ରଶାସନ ତରଫରୁ ଗୁରୁ ଦିଆଯାଉ ନାହିଁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଗଣେଶ ପୂଜା ପାଳିତ

ନେମାଳ,୨।୯(ନି.ପ୍ର): ଗଣେଶ ଚତୁର୍ଥୀ ଅବସରରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ପୁରପଲ୍ଲୀରେ ଆନନ୍ଦଉଲ୍ଲାସର ସହିତ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି । ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ର ଛାତ୍ରୀମାନେ ପ୍ରଭୁ ଗଣେଶଙ୍କୁ ପୂଜାର୍ଚ୍ଚନା କରିବା ସହିତ ଭୋଜିଭାତର ଆୟୋଜନ କରିଥିଲେ। ଏହାଛଡା ଏହି ଦିନ ରାତ୍ରରେ ବିଭିନ୍ନ ଘରୋଇ ଅନୁଷ୍ଠାନ ଓ କ୍ଲବ ଗୁଡିକରେ ମଧ ଗଜାନନଙ୍କର ପୂଜାର୍ଚ୍ଚନା କରାଯାଇଛି । ନିଶ୍ଚିନ୍ତକୋଇଲି ଓ କେନ୍ଦୁପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀମାନେ ଗଣେଶଙ୍କ ବନ୍ଦନା ଓ ଗଣନାଥ ଅମୃତବାଣୀ ଗାନ କରି ପ୍ରଭୁଙ୍କଠାରେ ବିଦ୍ୟା ପାଇଁ ପ୍ରାର୍ଥନା କରିଥିଲେ। ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମନରେ ଭକ୍ତିଭାବ ରଖି ଏହି ପୂଜାର୍ଚ୍ଚନା କରିଥିଲେ । ପ୍ରତ୍ୟୁଷରୁ ନୂତନ ପୋଷାକ ପରିଧାନ କରି ଉପବାସ ପୂର୍ବକ ବିଦ୍ୟାରେ ସଫଳତା ଲାଭ ପାଇଁ ହାତରେ ଭୋଗଡାଲା, ଫୁଲହାର, ଧୂପ ଦୀପ ଧରି ବିଦ୍ୟାଳୟରେ ପହଞ୍ଚିଥିଲେ । ବିଦ୍ୟାଦାତା ଗଣପତିଙ୍କୁ ବନ୍ଦନା କରିବା ସହିତ ଧୂପ,ଦୀପ, ନୈବେଦ୍ୟ ଅର୍ପଣ କରି ଛାତ୍ର ଛାତ୍ରୀମାନେ ବିଦ୍ୟାଳୟରେ ଗଣେଶଙ୍କ ପାଇଁ ପୂଜା ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ନୋଡାଲ ବିଦ୍ୟାଳୟ, ରାମକୃଷ୍ଣପୁର - ଓସ୍ତପୁର ଉଚ୍ଚ ବିଦ୍ୟାଳୟ, କୁଳିଆ ସ୍ଥିତ ମୁକ୍ତେଶ୍ୱର ନୋଡାଲ ବିଦ୍ୟାପୀଠ, ଜିଜ୍ମିପୁର ବାଳକୃଷ୍ଣ ବିଦ୍ୟାନିକେତନ, ପାଟପୁର ବାପୁଜୀ ନୋଡାଲ ବିଦ୍ୟାପୀଠ, ବଡକ୍ଷୀର ବାବା ମୁକୁନ୍ଦଦାସ ନୋଡାଲ ଉଚ୍ଚ ବିଦ୍ୟାଳୟ, କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ଓ ନୋଡାଲ ବିଦ୍ୟାଳୟ, ଖଣ୍ଡସାହି ସ୍ଥିତ ଜଗନ୍ନାଥ ବିଦ୍ୟାପୀଠ, ଲାଲବାଗ ଉଚ୍ଚ ଓ ନୋଡାଲ ବିଦ୍ୟାଳୟ, କେନ୍ଦୁପାଟଣା ଉଚ୍ଚ ଓ ଘେଓ୍ୱାରଚାନ୍ଦ ନୋଡାଲ ବିଦ୍ୟାଳୟ, ବୁହାଳ ନୋଡାଲ ସ୍କୁଲ ଓ ଦୁର୍ଯ୍ୟୋଧନ ବିଦ୍ୟାପୀଠ, ଶ୍ରୀ ବାସୁଦେବଜୀଉ ନୋଡାଲ, ଛୁଆଳିଆ ପ୍ରାଥମିକ ବିଦ୍ୟାଳୟ, ନତକାଇ ବାଣୀନଗରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଲ୍ଲଭଦେବୀ ମହିଳା ମହାବିଦ୍ୟାଳୟ, ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ, ସମେତ ସମସ୍ତ ବିଦ୍ୟାଳୟ ଗୁଡିକରେ ସମାରୋହରେ ଗଣେଶପୂଜା ପର୍ବ ପାଳନ କରାଯାଇଛି । ସେହିପରି ନିଶ୍ଚିନ୍ତକୋଇଲି ମହାବୀର କ୍ଲବ ଆନୁକୂଲ୍ୟରେ ପ୍ରଭୁ ଗଜାନନଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିବା

**ଜି ଏମ୍ ବି ସେରାମିକ୍ସ୍ ଲିମିଟେଡ୍**

CIN: L26933OR1982PLC001049

ପଞ୍ଜୀକୃତ କାର୍ଯ୍ୟାଳୟ: ରାଜଗାଙ୍ଗ୍‌ପୁର ୭୭୦୦୧୭, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା

ଫୋନ୍ ନଂ: ୦୩୩ ୨୨୩୬୬୨୦୪

ଇମେଲ: admin@gmbceramics.com

ୱେବସାଇଟ୍: www.gmbceramics.com

**୩୭ତମ ବାର୍ଷିକ ସାଧାରଣ ସମ୍ମିଳନୀ ଏବଂ ରିମୋଟ ଇ-ଭୋଟିଂ ସୂଚନା ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ଦିଆଯାଉଛି ଯେ:

୧- କମ୍ପାନୀର ସଦସ୍ୟମାନଙ୍କ ୩୭ତମ (ସଇଁତିରିଶତମ) ବାର୍ଷିକ ସାଧାରଣ ସମ୍ମିଳନୀ ଶୁକ୍ରବାର, ୨୦ ସେପ୍ଟେମ୍ବର ୨୦୧୯ ପୂର୍ବାହ୍ନ ୧୧ଘଣ୍ଟା ସମୟରେ ରାଜଗାଙ୍ଗପୁର- ୭୭୦୦୧୭ ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶାରେ ୨୭ ଜୁଲାଇ ୨୦୧୯ ତାରିଖରେ ଉଲ୍ଲେଖ ଥିବା ମିଟିଂର ସୂଚନାରେ ଯେଉଁ ବିଷୟବସ୍ତୁ ଥିଲା ତାହା ଉପରେ ଆଲୋଚନା ହେବ।

୨- ଯେଉଁ ମାନଙ୍କର ଇମେଲ କମ୍ପାନୀ/ ଡିପୋଜିଟୋରୀ ପାଟିସିପାଣ୍ଟସ ସହିତ ପଞ୍ଜୀକୃତ ହୋଇଛି ସେମାନଙ୍କ ନିକଟକୁ କମ୍ପାନୀର ସାରଧାରଣବୈଠକ ଏବଂ ବାର୍ଷିକ ରିପୋର୍ଟ ଇଲେକ୍ଟ୍ରୋନିକ ମୋଡ଼୍‌ରେ ସମସ୍ତ ସଦସ୍ୟଙ୍କ ନିକଟକୁ ପଠାଯାଇଛି। ଯେଉଁ ସଭ୍ୟମାନଙ୍କ ଇମେଲ ଆଇଡି ପଞ୍ଜୀକୃତ ହୋଇନାହିଁ ସେମାନଙ୍କ ନିକଟକୁ ୨୦୧୮-୧୯ ବାର୍ଷିକ ସାଧାରଣ ବୈଠକ ଏବଂ ବାର୍ଷିକ ରିପୋର୍ଟ ସେମାନଙ୍କର ପଞ୍ଜୀକୃତ ଆଡ୍ରେସରେ ପରିମିଟେଡମୋଡ ମାଧ୍ୟମରେ ପଠାଯାଇଛି। କମ୍ପାନୀ ୱେବସାଇଟ୍wwwadmin@gmbceramics.comବାର୍ଷିକ ସାଧାରଣ ବୈଠକ ଏବଂ ବାର୍ଷିକ ରିପୋର୍ଟ ମଧ ଉପଲବ୍ଧ। ୨୮.୮.୨୦୧୯ରେ ବାର୍ଷିକ ସାଧାରଣ ବୈଠକ ନୋଟିସ ସହିତ ବାର୍ଷିକ ରିପୋର୍ଟ ପଠାଇବା ଶେଷ ହୋଇଛି।

୩- କମ୍ପାନୀ ଆକ୍ଟ ୨୦୧୩ର ଉପଯୋଗୀ ବ୍ୟବସ୍ଥାଗୁଡ଼ିକ, କମ୍ପାନୀ ଗୁଡ଼ିକର (ପରିଚାଳନା ଏବଂ ପ୍ରଶାସନ) ରୁଲ ୨୦୧୫ ଏବଂ ସେବି (ଲିଷ୍ଟିଂ ଓବ୍ଲିଗେସନସ୍ ଏବଂ କ୍ଲୋଜର ରିକ୍ୱାରମେଣ୍ଟସ୍) ରେଗୁଲେସନସ ୨୦୧୫ ଅନୁଯାୟୀ କମ୍ପାନୀ ଖୁସିର ସହିତ ଏହାର ମେମ୍ବର ମାନଙ୍କୁ ଇଲେକ୍ଟ୍ରୋନିକ ମାଧ୍ୟମରେ ଭୋଟ ଦେବାପାଇଁ ସୁବିଧା ପ୍ରଦାନ କରିଛି। ଯାହାକି ବ୍ୟବସାୟ ସଂକ୍ରାନ୍ତରେ ଇଭୋଟିଂ ବାର୍ଷିକ ସାଧାରଣ ବୈଠକରେ ସଂଯୋଜିତ ହେବ ।

ସମସ୍ତ ମେମ୍ବର ମାନଙ୍କୁ ଜଣାଇ ଦିଆଯାଉଛିକି:

(୧) ବାର୍ଷିକ ସାଧାରଣ ବୈଠକ ନୋଟିସ୍‌ରେ ସ୍ଥିର କରାଯାଇଥିବା ବ୍ୟବସାୟ ଲେକ୍ଟ୍ରୋନିକସ ମିନ୍ସ୍ ଦ୍ୱାରା ଭୋଟ ମାଧ୍ୟମରେ ଜଣାଇ ଦିଆଯାଇପାରେ। ବାର୍ଷିକ ସାଧାରଣ ବୈଠକ ନୋଟିସ୍‌ରେ ଲେକ୍ଟ୍ରୋନିକସ ମିନ୍ସ୍ ମାଧ୍ୟମରେ ଭୋଟିଂ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

(୨) ରିମୋଟ ଇ ଭୋଟିଂ ୧୭ ସେପ୍ଟେମ୍ବର ୨୦୧୯(ମଙ୍ଗଳବାର) (ପୂର୍ବାହ୍ନ ୯.୦୦)ରେ ଆରମ୍ଭ ହୋଇ ୧୯ ସେପ୍ଟେମ୍ବର ୨୦୧୯ (ଅପରାହ୍ନ ୫.୦୦) ଗୁରୁବାରେ ଶେଷ ହେବ।

(୩) ଇଲେକ୍ଟ୍ରୋନିକ୍ ମିନ୍ସ୍ ଦ୍ୱାରା ଭୋଟଦେବା ଯୋଗ୍ୟତା ପାଇଁ ନିଦ୍ଦିଷ୍ଟ ତାରିଖ ସ୍ଥିର କରାଯିବ କିମ୍ବା ୧୨ ସେପ୍ଟେମ୍ବର ୨୦୧୯ ଗୁରୁବାର ସାଧାରଣ ବୈଠକରେ ସ୍ଥିରହେବ।

(୪) ୧୯ ସେପ୍ଟେମ୍ବର ୨୦୧୯ ଗୁରୁବାର ଅପରାହ୍ନ ୫ଟା ପରେ ଇଲେକ୍ଟ୍ରୋନିକ୍ ମିନ୍ସ୍ ଦ୍ୱାରା ଇଭୋଟିଂ ଗ୍ରହଣ କରାଯିବ ନାହିଁ।

(୫) ୧୨ ସେପ୍ଟେମ୍ବର ୨୦୧୯ରେ କୌଣସିବ୍ୟକ୍ତି ଯିଏ କମ୍ପାନୀର ମେମ୍ବର ହେବ ଏବଂ ବାର୍ଷିକ ସାଧାରଣ ବୈଠକ ନୋଟିସ ପଠାଯିବା ପରେ କମ୍ପାନୀର ସଦସ୍ୟ ହେବେ ଓ ନିର୍ଦ୍ଦିଷ୍ଟ ତାରିଖ ୧୨ ସେପ୍ଟେମ୍ବର ୨୦୧୯ ଗୁରୁବାରେ ଅଂଶଧନ ପାଇବାକୁ ଅଛି evoting@nsdl.co.in କିମ୍ବା www.admin@gmbceramics.com.ରୁ ଏକ ଅନୁରୋଧ ଦ୍ୱାରା ଏକ ପାଶୱାର୍ଡ ପଠାଇ ଏବଂ ଆଇଡ଼ି ଲଗ୍‌ଇନ୍ କରି ପାଇପାରିବେ ।

(୬) ସଦସ୍ୟମାନେ ଏହାକୁ ମନେରଖିବେ:

(କ) ବାଲାଟ୍/ ପୁଲିଂ ପେପର ମାଧ୍ୟମରେ ଭୋଟ ସୁବିଧା ବାର୍ଷିକ ସାଧାରଣ ବୈଠକ ଭେନୁରେ ପାଇପାରନ୍ତି।

(ଖ) ବାର୍ଷିକ ସାଧାରଣ ବୈଠକରେ ଯେଉଁ ସଦସ୍ୟମାନେ ରିମୋଟ ଇଭୋଟିଂ ଦ୍ୱାରା ସେମାନଙ୍କ ଭୋଟ ଦେଇଛନ୍ତି ସେମାନେ ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ରହିପାରିବେ କିନ୍ତୁ ପୁନର୍ବାର ଭୋଟ ଦେଇପାରିବେ ନାହିଁ।

(ଗ) ଜଣେ ବ୍ୟକ୍ତି ଯାହାଙ୍କ ନାମ ସଦସ୍ୟଙ୍କ ରେଜିଷ୍ଟ୍ରାରରେ ରେକର୍ଡ କରାଯାଇଛି କିମ୍ବା ନିର୍ଦ୍ଦିଷ୍ଟ ତାରିଖ ଠାରୁ ଡିପୋଜିଟୋରିଜ୍‌ଙ୍କ ଦ୍ୱାରା ମେଣ୍ଟେନ କରାଯାଉଥିବା ହିତାଧିକାରୀ ମାଲିକଙ୍କ ରେଜିଷ୍ଟ୍ରରରେ ମେଣ୍ଟେନ କରାଯାଉଥିଲେ କେବଳ ରିମୋର୍ଟ ଇଭୋଟିଂ ସହିତ ବାଲାଟ ପେପର ମାଧ୍ୟମରେ ବାର୍ଷିକ ସାଧାରଣ ବୈଠକରେ ଭୋଟ ସୁବିଧା ପାଇବାପାଇଁ ସକ୍ଷମ ହୋଇପାରିବେ।

(୭) ଯଦି ଆପଣଙ୍କର ଇଭୋଟିଂ ବିଷୟରେ କିଛି ଯାଞ୍ଚ କିମ୍ବା ପ୍ରସଙ୍ଗ ଉଠାଇବାର ଅଛି ତେବେ ଆପଣ Frequently Asked questions("FAQ")କୁ ଅନୁସରଣ କରିପାରନ୍ତି ଏବଂ ସହାୟତା ଶ୍ରେଣୀ ଅନ୍ତର୍ଗତ www.evotingindia.co.inରେ ଥିବା ଇଭୋଟିଂ ମାନୁଆଲ କିମ୍ବା evoting@nsdl.co.inକୁ ଏକ ଇମେଲ ପଠାନ୍ତୁ ଅନ୍ୟପକ୍ଷରେ ସଦସ୍ୟମାନେ ମଧ ଶ୍ରୀଯୁକ୍ତ ନିଧି ଶର୍ମା କମ୍ପାନୀ ସେକ୍ରେଟାରୀ ଇମେଲ ଆଇଡି: www.evotingindia.co.in କିମ୍ବା ଟେଲିଫୋନ ନଂ: ୦୩୩୨୨୩୬-୬୨୦୪କୁ ପଠାଇପାରିବେ।

ଜିଏମ୍‌ବି ସେରାମିକ୍ସ ଲିମିଟେଡ ପକ୍ଷରୁ
ନିଧୀ ଶର୍ମା
କମ୍ପାନୀ ସେକ୍ରାଟାରୀ

ସ୍ଥାନ: ରାଜଗାଙ୍ଗପୁର
ତାରିଖ: ୦୩.୦୯.୨୦୧୯